بسم الله الرحمن الرحيم

**୭ ଜୁଲାଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସ୍‌ଲାମାବାଦ୍, ଲଣ୍ଡନ୍**

## ବଦର୍ ଯୁଦ୍ଧ ଉପକ୍ରମର ଚିତ୍ରଣ ଓ ଘଟଣାବଳୀର ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଗତ କିଛି ସପ୍ତାହରୁ ମକ୍କାର ଅମାନ୍ୟକାରୀଙ୍କ ଉପରେ ମୁସଲମାନମାନଙ୍କ ପରାକାଷ୍ଠା (ଶୌର୍ଯ୍ୟ)ର ଗଭୀର ପ୍ରଭାବ ବଶତଃ ଅବୁ ଜହେଲ୍ ଓ ଉତ୍‌ବା ମଧ୍ୟରେ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ନେଇ ମତଭେଦର ଚର୍ଚ୍ଚା ହୋଇଥିଲା । ପୁନଶ୍ଚ ଅବୁ ଜହେଲ୍‌ର ଉତ୍‌ବାକୁ ଅପନିନ୍ଦା ଦେବାରୁ ସେ ଯୁଦ୍ଧର ଘୋଷଣା କଲା ଏବଂ ଏପରି ପାରମ୍ପରିକ ରୂପେ ବଦର୍ ଯୁଦ୍ଧର ସୂତ୍ରପାତ ହୋଇଥିଲା ।

ଉତ୍‌ବା ବିନ୍ ରବିୟା ନିଜ ଭାଇ ଶୈବା ବିନ୍ ରବିୟା ଏବଂ ନିଜ ପୁତ୍ର ଓଲିଦ୍ ବିନ୍ ଉତ୍‌ବା ମଝିରେ ରହି ମୁସଲମାନମାନଙ୍କ ଆଡ଼କୁ ଅଗ୍ରସର ହେଲା ଏବଂ ସେନାର ଧାଡ଼ିରୁ ବାହାରି ସଂଘର୍ଷ କରିବାକୁ ନିଜ ପ୍ରତିଦ୍ୱନ୍ଦ୍ୱୀ ମୁସଲମାନଙ୍କୁ ଡ଼ାକରା ଦେଲେ । ହଜରତ ଅଲ୍ଲୀ[ର.ଅ] ବର୍ଣ୍ଣନା କରନ୍ତି; ଉତ୍‌ବାର ଡ଼ାକ ଶୁଣି ଅନସାର୍‌ମାନଙ୍କ ମଧ୍ୟରୁ କିଛି ଯୁବକ ତାହାର ପ୍ରତିଦ୍ୱନ୍ଦ୍ୱୀତା କରିବା ସକାଶେ ଆଗକୁ ବଢ଼ିବାରୁ ସେ ପ୍ରଶ୍ନ କଲା ତୁମେମାନେ କିଏ ? ସେମାନେ ନିଜ ପରିଚୟ ଦେବାରୁ ସେ ଉତ୍ତର ଦେଲା ଆମର ତୁମମାନଙ୍କ ସହିତ କୌଣସି ବିବାଦ ନାହିଁ । ଆମର ଉଦ୍ଦେଶ୍ୟ କେବଳ ନିଜ ଚଚାଙ୍କ ପୁତ୍ରମାନଙ୍କ ସହିତ ସଂଘର୍ଷ କରିବା ଅଟେ । ତତ୍ ସଙ୍ଗେସଙ୍ଗେ ସେ ଉଚ୍ଚସ୍ୱରରେ ଡ଼ାକ ମାରିଲା, ହେ ମୁହମ୍ମଦ[ସ.ଅ] ! ଆମ ପରିଜନମାନଙ୍କ ମଧ୍ୟରୁ ଆମ ସମକକ୍ଷ ଲୋକମାନଙ୍କୁ ପ୍ରତିଦ୍ୱନ୍ଦ୍ୱୀତା କରିବା ପାଇଁ ପ୍ରେରଣ କରନ୍ତୁ । ଏଥିରେ ହଜୁର[ସ.ଅ] କହିଲେ; ହମ୍‌ଜାଃ ଉଠ, ଅଲ୍ଲୀ ତୁମେ ଉଠ ଏବଂ ଉବେଦାଃ ବିନ୍ ହାରିସ୍ ତୁମେ ମଧ୍ୟ ଉଠ (ସର୍ବପ୍ରଥମେ ଆପଣ[ସ.ଅ] ନିଜ ଚଚାଙ୍କୁ ଏବଂ ପରେ ନିଜର ଦୁଇ ଜଣ ଚଚା-ପୁଅଙ୍କୁ ଅମାନ୍ୟକାରୀଙ୍କ ମୁକାବିଲା କରିବା ପାଇଁ ଆଦେଶ ଦେଇଥିଲେ) । ବସ୍ତୁତଃ ହମ୍‌ଜାଃ ଉତ୍‌ବା ଆଡ଼କୁ ଅଗ୍ରସର ହେଲେ । ହଜରତ ଅଲ୍ଲୀ[ର.ଅ] କୁହନ୍ତି; ମୁଁ ଶୈବାଃ ଆଡ଼କୁ ଅଗ୍ରସର ହେଲି । ସେଥିଅନ୍ତେ ଉବେଦାଃ ଓ ଓ୍ୱଲିଦ୍ ମଧ୍ୟରେ ସଂଘର୍ଷ ହେଲା । ଦୁହେଁ ଦୁହିଁକୁ ଆକ୍ରମଣ କରି ଆଘାତ କରି ଦୁର୍ବଳ କରିଦେଲେ । ସେଥିଅନ୍ତେ ଆମେ ଦୁହେଁ ଓ୍ୱଲିଦ୍ ଆଡ଼କୁ ଧାଇଁଯାଇ ତାହାକୁ ନିହତ କରିଦେଲୁ ଏବଂ ଉବେଦାଃଙ୍କୁ ସେଠାରୁ ଉଠେଇ ଆଣିଲୁ । ହଜରତ ହମ୍‌ଜାଃ ଓ ହଜରତ ଅଲ୍ଲୀ[ର.ଅ] ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିହତ କରି ଦେଇଥିଲେ ।

ହଜରତ ହମ୍‌ଜାଃ ଓ ହଜରତ ଅଲ୍ଲୀ[ର.ଅ] ନିଜ ସାଥି ଉବେଦାଃ ବିନ୍ ହାରିସ୍‌ଙ୍କୁ ନିଜ ସେନା ନିକଟକୁ ଉଠାଇ ଆଣିଲେ ସେତେବେଳେ ତାଙ୍କ ଗୋଡ଼ କଟି ଭାଙ୍ଗି ଯାଇଥିଲା । ତାଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ସମକ୍ଷ ଉପସ୍ଥିତ କରାଯିବାରୁ ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! କ'ଣ ମୁଁ ଶହିଦ୍ ନୁହେଁ ? **ପ୍ରତିଉତ୍ତରରେ ହଜୁର[ସ.ଅ] କହିଲେ, ନିଃସନ୍ଦେହ ରୂପେ ତୁମେ ଶହିଦ୍ ଅଟ ।** ସେ ସେହି ଆଘାତରୁ ଆରୋଗ୍ୟ ଲାଭ ନକରିପାରି ଶେଷରେ

ବଦର୍-କ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ମାର୍ଗରେ ହିଁ ଦେହତ୍ୟାଗ କରିଥିଲେ ।

ଯେତେବେଳେ ଦୁଇ ସେନା ପରସ୍ପର ସହ ମୁହାଁମୁହିଁ ହେଲେ ଅର୍ଥାତ ଘମାଘୋଟ ଯୁଦ୍ଧ ହେଲା । ସେତେବେଳେ ଅବୁ ଜହେଲ୍ ଦୁଆ କଲା ହେ ପ୍ରଭୁ ! ଆମମାନଙ୍କ ମଧ୍ୟରୁ ଯେ ସମ୍ପର୍କୀୟଙ୍କ ମଧ୍ୟରେ ଫାଟ ସୃଷ୍ଟି କରୁଛି ଏବଂ ଏପରି କଥା ବର୍ଣ୍ଣନା କରୁଛି ଯାହାକି କଦାପି କେହି ଶୁଣି ନାହାନ୍ତି । ତେବେ ଆଜି ତାହାର ସଂହାର କର ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଜଣା ଯାଉଛି ଯେ ଅବୁ ଜହେଲ୍‌ର ବିଶ୍ୱାସ ଥିଲା ଯେ ନଉଜୁବିଲ୍ଲାଃ ହଜରତ ମୁହମ୍ମଦ [ସ.ଅ]ଙ୍କ ଜୀବନ ପବିତ୍ର ଓ ସ୍ୱଚ୍ଛ ନୁହେଁ । ଏଥିସକାଶେ ତ ସେ ଅତି ଆକୁଳ ପ୍ରାର୍ଥନା କରିଥିଲା । କିନ୍ତୁ ଏହି ଦୁଆ ପରେ ସମ୍ଭବତଃ ଗୋଟିଏ ଘଣ୍ଟା ମଧ୍ୟ ସେ ଜୀବିତ ରହି ନଥିଲା । ପରାକ୍ରମୀ ଅଲ୍ଲାଃଙ୍କ କୋପ ସେହି ସ୍ଥଳେ ହିଁ ତାହାର ଶିର କାଟି ଫିଙ୍ଗି ଦେଲେ ଏବଂ ଯାହାର ପବିତ୍ର ଜୀବନୀ ଉପରେ ସେ କାଳିମା ଲଗାଉଥିଲା । କିନ୍ତୁ ହଜୁର[ସ.ଅ] ସେହିସ୍ଥଳୁ ବିଜୟର ତିଲକ ଲଗାଇ ପ୍ରତ୍ୟାବର୍ତ୍ତନ କଲେ ।

ମୁସଲମାନଙ୍କ ସମ୍ମୁଖରେ ସେମାନଙ୍କ ତୁଳନାରେ ଶତ୍ରୁ ପକ୍ଷର ସୈନିକ ତିନିଗୁଣ ଅଧିକ ଥିଲେ, ଯେ ସମସ୍ତ ପ୍ରକାରର ଯୁଦ୍ଧ ସରଞ୍ଜାମରେ ସୁସଜ୍ଜିତ ହୋଇ ସେହି ରଣକ୍ଷେତ୍ରରେ ଓହ୍ଲାଇ ଥିଲେ କି ଆଜି ଇସଲାମ୍‌ର ଚିହ୍ନବର୍ଣ୍ଣ ଉଡ଼େଇ ଦେବୁ । ମୁସଲମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା । କିନ୍ତୁ ଚଳଚଂଚଳ ଓ ସୁଦୃଢ଼ ବିଶ୍ୱାସ ସେମାନଙ୍କ ଅଭ୍ୟନ୍ତରରେ ଏକ ମହାଶକ୍ତି ସଂଚାର କରି ଦେଇଥିଲା । ହଜରତ ଉମର [ର.ଅ]ଙ୍କ ସ୍ୱାଧୀନ-ପ୍ରାପ୍ତ କ୍ରୀତଦାସ ହଜରତ ମହଜାଃ [ର.ଅ]ଙ୍କୁ ଗୋଟିଏ ତୀର ଭେଦ କରିଗଲା । ଯାହା ଫଳରେ ସେ ସେହିସ୍ଥଳେ ଶହିଦ୍ ହୋଇଗଲେ । ଏ ମୁସଲମାନଙ୍କର ପ୍ରଥମ ବ୍ୟକ୍ତି ଥିଲେ ଯେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ହଜରତ ମୁହମ୍ମଦ[ସ.ଅ] କହିଲେ; **ଆଜିର ଦିନରେ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ରକ୍ଷା କରି ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ଶତ୍ରୁର ମୁକାବିଲା କରିବ ଏବଂ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବ ନାହିଁ । ଐଶ୍ୱର୍ଯ୍ୟମୟ ପ୍ରଭୁ ତାହାକୁ ବୈକୁଣ୍ଠରେ ସ୍ଥାନ ଦେବେ ।** ଏହା ଶୁଣି ଉମେର୍ ବିନ୍ ହମାମ୍ ଯେ ବନୀ ସଲ୍‌ମା ଗୋଷ୍ଠୀର ଥିଲେ, କହିଲେ; (ସେତେବେଳେ ତାଙ୍କ ହସ୍ତରେ କିଛି ଖଜୁରୁ କୋଳି ମଧ୍ୟ ଥିଲା ଯାହାକୁ ସେ ସେବନ କରୁଥିଲେ) ୱାହ୍ ୱାହ୍ ! ଆଜି ମୋ ଓ ବୈକୁଣ୍ଠ ମଧ୍ୟରେ ମାତ୍ର ଏତିକି ବ୍ୟବଧାନ ରହିଛି କି ଏମାନେ ମୋର ବଧ କରିଦିଅନ୍ତୁ । ସେଥିଅନ୍ତେ ସେ ନିଜ ଖଣ୍ଡା ନେଇ ଶତ୍ରୁ ସହିତ ଏଭଳି ଲଢ଼ିଲେ ଯେ, ଶେଷରେ ଶହିଦ୍ ହୋଇଗଲେ । ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଅଫ୍‌ରାଃର ପୁତ୍ର ଔଫ୍ ବିନ୍ ହାରିସ୍ ହଜୁର [ସ.ଅ]ଙ୍କ ନିକଟରେ ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲ[ସ.ଅ] **! ଅଲ୍ଲାଃତାଲା ନିଜ ଭକ୍ତଙ୍କର କେଉଁ କଥାରେ ପ୍ରସନ୍ନିତ ହୋଇଥାନ୍ତି ? ହଜୁର[ସ.ଅ] ଉତ୍ତର ଦେଲେ ନିଜ ଯୁଦ୍ଧବସ୍ତ୍ର ଓହ୍ଲାଇ ଶତ୍ରୁକୁ ନିହତ କଲେ ।** ଏଥିରେ ସେ ନିଜ କବଚ ଓହ୍ଲାଇ ଫିଙ୍ଗି ଦେଲେ ଏବଂ ଅନେକ ଅମାନ୍ୟକାରୀଙ୍କୁ ବଧ କରିବା ଅନ୍ତେ ଶେଷରେ ସେ ମଧ୍ୟ ଶହିଦ୍ ହୋଇଯାଇଥିଲେ ।

ଯୁଦ୍ଧ ସମାପ୍ତ ହେବା ବେଳକୁ ହଜୁର[ସ.ଅ] ମୃତକମାନଙ୍କ ମଧ୍ୟରେ ଛିଡ଼ା ହୋଇଗଲେ ଏବଂ ଅବୁ ଜହେଲ୍‌କୁ ଖୋଜିବା ଆରମ୍ଭ କଲେ । ସେ ନମିଳିବାରୁ ହଜୁର[ସ.ଅ] ଦୁଆ କଲେ, ଅଲ୍ଲାହୁମ୍ମା ଲାତୁଉଜିଜ୍‌ନୀ ଫିର୍ ଅଔନା ହାଜିହିଲ୍ ଉମ୍ମାଃ ହେ ପ୍ରଭୁ ! ତୁମ୍ଭେ ମୋତେ ଏହି ସମ୍ପ୍ରଦାୟର ଫିରଔନ୍‌ର ମୁକାବିଲାରେ ନିରାଶ୍ରା କର ନାହିଁ । ହଜୁର [ସ.ଅ]ଙ୍କ ଆଦେଶକ୍ରମେ ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍[ର.ଅ] ସ୍ୱୟଂ ଆଘାତ ଅବସ୍ଥାରେ ଅବୁ ଜହେଲ୍‌ର ଆଣ୍ଠୁରେ ଥିବା ଚିହ୍ନକୁ ଦେଖି ତାହାକୁ ଖୋଜି ନେଲେ । ସେତେବେଳେ ତାହା ପିଣ୍ଡରେ କିଂଚିତ ପ୍ରାଣ ବାକି ରହିଥିଲା, ପଚାରିବାରୁ ସେ ନିଜର ଶେଷ ଅଭିଳାଷ ପ୍ରକାଶ କଲା ଯେ, ମୋର ଗଳା ସାମାନ୍ୟ ଲମ୍ବା ରଖି କାଟିଦିଅ । ସେ ଉତ୍ତର ଦେଲେ ମୁଁ ତୁମର ଏହି ଅଭିଳାଷ ମଧ୍ୟ ପୂରଣ ହେବାକୁ ଦେବି ନାହିଁ ଏବଂ ତାହାର ଗଳାକୁ ମୂଳେଇ କାଟି ଦେଇ ହଜୁର [ସ.ଅ]ଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ତାହାକୁ ଦେଖି ହଜୁର[ସ.ଅ] ଅଲ୍ଲାଃଙ୍କୁ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ;

ଅଲ୍ଲାହୁଲ୍ ଲଜିଲା ଇଲାହା ଗୈରୁହ୍ ଅଲ୍ଲାଃ ହିଁ ସେହି ପବିତ୍ର ସତ୍ତା ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ଆଉ ଏକ ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] ଏହି ଦୁଆ କରିଥିଲେ, ହେ ପ୍ରଭୁ! ଏପରି ନହୁଏ କି ସେମାନେ ତୁମ ପରିସର ବାହାରକୁ ଚାଲିଯାନ୍ତୁ । ହଜରତ କତାଦାଃ[ର.ଅ] ବର୍ଣ୍ଣନା କରନ୍ତି, ହଜୁର[ସ.ଅ] କହିଲେ; **ପ୍ରତ୍ୟେକ ସମ୍ପ୍ରଦାୟରେ ଏକ ଫିରଔନ୍ ହୋଇଥାଏ । ଏହି ସମ୍ପ୍ରଦାୟର ଫିରଔନ୍ ଅବୁ ଜହେଲ୍ ଅଟେ ।**

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅବୁ ଜହେଲ୍‌କୁ ଫିରଔନ୍ ଦର୍ଶାଯାଇଛି । କିନ୍ତୁ ମୋ ମତରେ ସେ ଫିରଔନ୍ ଠାରୁ ବଳି ଅଟେ । ଫିରଔନ୍ ତ ଶେଷରେ ଏହି ସାକ୍ଷ୍ୟ ଦେଇଥିଲା ଯେ ଆମନ୍ତୁ ଅନ୍ନହୁ ଲାଇଲାହା ଇଲ୍ଲଲ୍ ଲଜି ଆମନତ୍ ବିହି ବନୁ ଇସ୍ରାଇଲ୍ ମୁଁ ବିଶ୍ୱାସ କରୁଛି କି କେହି ଉପାସ୍ୟ ନାହାନ୍ତି କିନ୍ତୁ ଯାହା ଉପରେ ବନୀଇସ୍ରାଇଲ୍ ବିଶ୍ୱାସ ଆଣି ନେଇଛନ୍ତି । କିନ୍ତୁ ଏ ତ ଶେଷ ପର୍ଯ୍ୟନ୍ତ ବିଶ୍ୱାସ ଆଣି ନଥିଲା । ମକ୍କାରେ ସକଳ ବିଶୃଙ୍ଖଳା ଏହି ବ୍ୟକ୍ତି ହିଁ ଉପୃର୍ଣ୍ଣ କରିଥିଲା ଏବଂ ସେ ଜଣେ ଅତି ଅହଂକାରୀ ଓ ସ୍ୱାର୍ଥପର ବ୍ୟକ୍ତି ଥିଲା ଯେ, ମାନସମ୍ମାନର ଅଭିଳାଷୀ ଥିଲା ।

ହଜରତ ଇମାମ ରାଜୀ[ର.ଅ] ସୁରେ ଅନ୍‌ଫାଲ୍‌ର ଆୟତ୍ ଓମା ରମୈତା ଇଜ୍ ରମୈତା ଓଲାକିନ୍ ନଲ୍ଲାହା ରମାର ବ୍ୟାଖ୍ୟା କରି ଲେଖିଛନ୍ତି, ଯେତେବେଳେ କୁରୈଶ ମୁସଲମାନମାନଙ୍କ ଉପରେ ଚଢ଼ାଉ କଲେ ସେତେବେଳେ ହଜୁର[ସ.ଅ] ଦୁଆ କଲେ ହେ ଅଲ୍ଲାଃ ! କୁରୈଶର ଏହି ଦଳ ନିଜ ଘୋଡ଼ା ଓ ଗର୍ବ ଅହଂକାରର ସାମଗ୍ରୀ ସହିତ ତୁମ (ପ୍ରିୟ) ରସୁଲଙ୍କ ପ୍ରତ୍ୟାଖ୍ୟାନ କରି ଆସିଛନ୍ତି ଏବଂ ମୋତେ ମିଥ୍ୟାବାଦୀ ଦର୍ଶାଉଛନ୍ତି । ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ସେହି ଜିନିଷ ଭିକ୍ଷା କରୁଅଛି ଯାହା ତୁମେ ମୋତେ (ପ୍ରଦାନ) କରିବାର ଅଙ୍ଗୀକାର କରିଅଛ । ସେତେବେଳେ ହଜରତ ଜିବରିଲ୍ ଅବତୀର୍ଣ୍ଣ ହେଲେ ଏବଂ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ମୁଠାଏ ମାଟି ନିଅନ୍ତୁ ଏବଂ ସେହି ଅମାନ୍ୟକାରୀଙ୍କ ଉପରକୁ ଫିଙ୍ଗି ଦିଅନ୍ତୁ । ଅତଏବ ଯେତେବେଳେ ଉଭୟ ସୈନ୍ୟଦଳ ପରସ୍ପରର ମୁହାଁମୁହିଁ ହେଲେ ସେତେବେଳେ ହଜୁର[ସ.ଅ] ମୁଠାଏ ମାଟି ନେଇ ଅମାନ୍ୟକାରୀଙ୍କ ମୁହଁ ଉପରକୁ ଫିଙ୍ଗି ଦେଲେ । ବସ୍ତୁତଃ ଅମାନ୍ୟକାରୀମାନେ ନିଜ ଚକ୍ଷୁ ମକଚିବାକୁ ଲାଗିଲେ ପରିଣାମ ସ୍ୱରୂପ ସେମାନେ ପରାଜିତ ହେଲେ । ପୁନଶ୍ଚ ଅଲ୍ଲାଃତାଲା କହିଲେ; ଓମା ରମୈତା ଇଜ୍ ରମୈତା ଓଲାକିନ୍ ନଲ୍ଲାହା ରମା ଅର୍ଥାତ ଗୋଡ଼ିମାଟିର ଭରା ସେହି ଆଞ୍ଜୁଳା ଯାହାକି ତୁମେ ଅମାନ୍ୟକାରୀଙ୍କ ଉପରକୁ ଫିଙ୍ଗି ଥିଲ ବାସ୍ତବରେ ତୁମେ ଫିଙ୍ଗି ନଥିଲ । କାରଣ ଆପଣଙ୍କ ଫିଙ୍ଗିବା (ମାତ୍ର) ସେତିକି ପ୍ରଭାବଶାଳୀ ହୋଇପାରେ ଯେପରି ଜଣେ (ସାଧାରଣ) ମନୁଷ୍ୟର ପ୍ରଭାବ, ବରଂ ତାହା ତ ଅଲ୍ଲାଃ ଫିଙ୍ଗି ଥିଲେ । ଯାହାର ପରିଣାମ ସ୍ୱରୂପ ସେହି ଧୂଳିକଣାମାନ ସେମାନଙ୍କ ଚକ୍ଷୁରେ ପ୍ରବେଶ କରିଗଲା । ଯଦିଚ ତାହା ହଜୁର [ସ.ଅ]ଙ୍କ ଦ୍ୱାରା ଚାଳନା କରାଯାଇଥିଲା କିନ୍ତୁ ତାହାର ପ୍ରଭାବ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ।

ହଜରତ ଜିବରିଲ୍[ଅ.ସ] ହଜରତ ମୁହମ୍ମଦ [ସ.ଅ]ଙ୍କ ନିକଟକୁ ଆସିଲେ ଏବଂ ପ୍ରଶ୍ନ କଲେ, ଆପଣ ମୁସଲମାନମାନଙ୍କ ମଧ୍ୟରୁ ବଦରରେ ଉପସ୍ଥିତଙ୍କୁ କି ମର୍ଯ୍ୟାଦା ଦେଉଛନ୍ତି ? ହଜୁର[ସ.ଅ] ଉତ୍ତର ଦେଲେ, ସର୍ବୋତ୍ତମ ମୁସଲମାନ ଅଥବା ଏହିପରି କିଛି ଉକ୍ତି କହିଲେ । **ପୁନଶ୍ଚ ହଜରତ ଜିବରିଲ୍[ଅ.ସ] କହିଲେ, ଏହିପରି ସେହି ଦେବଦୂତମାନେ ମଧ୍ୟ ମହାନ ଯେ ବଦର ଯୁଦ୍ଧରେ ସାମିଲ ହୋଇଛନ୍ତି ।**

କେତେକ ଲୋକଙ୍କ ଏହି ଚିନ୍ତାଧାରା ରହିଛି ଯେ, ଦେବଦୂତମାନଙ୍କ ଅବତୀର୍ଣ୍ଣ ହେବା କେବଳ ବିଶ୍ୱାସକାରୀମାନଙ୍କୁ ସୁସମାଚାର ଓ ଆତ୍ମସନ୍ତୋଷ ସକାଶେ ହୋଇଥିଲା । ନଚେତ୍ ଔପଚାରିକ ରୂପେ ଦେଖିବାକୁ ଗଲେ ଦେବଦୂତମାନେ ଯୁଦ୍ଧ ଲଢ଼ି ନଥାନ୍ତି । ପ୍ରିୟ ହଜୁର ଅନଓ୍ୱର[ଅ.ବ] ଏହି ଚିନ୍ତାଧାରାକୁ ହଦିସ୍‌ର ବର୍ଣ୍ଣନା ବିପରୀତ ଦର୍ଶାଇଲେ ଏବଂ କହିଲେ; ହଁ ଏହିସ୍ଥଳେ କଥା ଉଠୁଛି ଯେ, ସାହାଯ୍ୟ ନିମନ୍ତେ ତ ଜଣେ ଦେବଦୂତ ଯଥେଷ୍ଟ ତେବେ ସହସ୍ର ଦେବଦୂତ କାହିଁ ଅବତରଣ କରିଥିଲେ । ହଜରତ ଇମାମ ଇବ୍‌ନେ କସିର୍[ର.ଅ] ଲେଖିଛନ୍ତି, ଅଲ୍ଲାଃଙ୍କ ନିକଟରୁ ଦେବଦୂତଙ୍କ ଅବତୀର୍ଣ୍ଣ ହେବା ଓ ମୁସଲମାନଙ୍କୁ ଏହି ସୂଚନା (ଦେବା) ଏକ ସୁସମାଚାର ସ୍ୱରୂପ ପ୍ରଦାନ କରାଯାଇଥିଲା । ନଚେତ୍

ଅଲ୍ଲାଃତାଲା ତ ଏତଦ୍ ବ୍ୟତୀତ ମଧ୍ୟ ନିଜ ଶତ୍ରୁମାନଙ୍କ ବିପକ୍ଷରେ ମୁସଲମାନଙ୍କ ସହାୟତା କରିବାରେ ପୂର୍ଣ୍ଣ ସକ୍ଷମ ।

ଯେତେବେଳେ ଯୁଦ୍ଧର ଖେଳ ଆରମ୍ଭ ହେଲା ସେତେବେଳେ କିଛି ସମୟ ମଧ୍ୟରେ ହିଁ ଅମାନ୍ୟକାରୀଙ୍କ ସେନା ପତିତ ହେବା ଓ ସେମାନଙ୍କ ମଧ୍ୟରେ ବିଶୃଙ୍ଖଳାର କୋଳାହଳପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଗଲା । ସେମାନଙ୍କ ଧାଡ଼ି ମୁସଲମାନଙ୍କ ତୀବ୍ର ଆକ୍ରମଣରେ ଧରାଶାୟୀ ହୋଇ ବିଚ୍ଛୁରିତ ହୋଇଗଲା । ସେମାନେ ରଣକ୍ଷେତ୍ରରୁ ପଳାୟନ କରିବା ଆରମ୍ଭ କଲେ ଏବଂ ମୁସଲମାନମାନେ ସେମାନଙ୍କ ପିଛା କରି ସେମାନଙ୍କୁ ପରାସ୍ତ (ବଧ) କରିଦେଲେ ।

ଏହି ଯୁଦ୍ଧ ଅମାନ୍ୟକାରୀଙ୍କ ପରାଜୟ ଓ ମୁସଲମାନଙ୍କ ଦୀପ୍ତିମାନ ବିଜୟରେ ସମାପ୍ତ ହୋଇଥିଲା । ଏହି ଯୁଦ୍ଧରେ ୧୪ଜଣ ମୁସଲମାନ (୬ଜଣ ପ୍ରବାସକାରୀ ଓ ୮ଜଣ ଅନସାର୍) ଶହିଦ୍ ହୋଇଥିଲେ । ଅପରପକ୍ଷେ ଏହି ଯୁଦ୍ଧରେ ଅମାନ୍ୟକାରୀଙ୍କୁ ଅଶେଷ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ସେମାନଙ୍କର ୭୦ଜଣ ସୈନିକ ନିହତ ହୋଇଥିଲେ ଏବଂ ୭୦ଜଣ ସୈନିକ କଏଦ ମଧ୍ୟ ହୋଇଥିଲେ, ଯେ ସାଧାରଣତଃ ସମ୍ଭ୍ରାନ୍ତ, ସରଦାର ଓ ବଡ଼ ବଡ଼ ନେତା ଥିଲେ ।

ଖୁତ୍‌ବାର ଶେଷରେ ପ୍ରିୟ ହଜୁର ଅନୱରଅ.ବ କିଛି ଦୁଆ କରିବା ପ୍ରତି ଜମାଅତର ଧ୍ୟାନ ଆକର୍ଷିତ କଲେ । ଫିଲିସ୍ତିନ୍‌ର ମୁସଲମାନମାନଙ୍କ ପାଇଁ ଦୁଆ କରିବେ । ତାଙ୍କୁ ଏପରି ମାର୍ଗଦର୍ଶକ ପ୍ରାପ୍ତ ହୁଅନ୍ତୁ ଯେ ସେମାନଙ୍କ ଦାୟିତ୍ୱ ସମ୍ପାଦନକାରୀ ସାବ୍ୟସ୍ତ ହେବେ । ମୁସଲମାନମାନେ ଯଦି ଏକ ହୋଇଯାନ୍ତି ତେବେ ଏସମସ୍ତ ସମସ୍ୟାରୁ ସେମାନେ ଉଦ୍ଧାର ପାଇଯିବେ ।

ଏହିପରି ସ୍ୱୋଡ଼େନ୍ ଓ ଅନ୍ୟ କେତେକ ଦେଶମାନଙ୍କରେ ସ୍ୱାଧୀନ ଭାବରେ ମତ ପ୍ରକାଶ କରିବା ଓ ଧାର୍ମିକ ସ୍ୱାଧୀନତା ନାମରେ ଅପକର୍ମକାରୀଙ୍କୁ ଖୋଲାଖୋଲି ଛୁଟି ମିଳି ଯାଇଛି । ଏହି ବାହାନାରେ ସେମାନେ ମୁସଲମାନମାନଙ୍କ ଭାବନା ସହିତ ଖେଳି ପ୍ରତିଦିନ କିଛିନା କିଛି ଏପରି ହରକତ୍ କରିଥାନ୍ତି ଯାହାକି ସାଧାରଣ ମୁସଲମାନମାନଙ୍କୁ ବ୍ୟଥିତ କରିଥାଏ । ଅଲ୍ଲାଃତାଲା ହିଁ ସେମାନଙ୍କୁ ଦଣ୍ଡିତ କରନ୍ତୁ ।

ପୁନଶ୍ଚ ଫ୍ରାନସ୍‌ରେ ଥିବା ମୁସଲମାନମାନେ ମଧ୍ୟ ଅନ୍ୟାୟ ଅତ୍ୟାଚାରର ଶିକାର ହେଉଛନ୍ତି । ତାହା ପ୍ରତିକ୍ରିୟାରେ ସେମାନଙ୍କ ଆଚରଣ ମଧ୍ୟ ଭୁଲ ଅଟେ । ମୁସଲମାନମାନଙ୍କୁ ନିଜର ଆଚରଣ ଇସଲାମୀୟ ଶିକ୍ଷାନୁଯାୟୀ କରିବା ଉଚିତ୍ । ଯଦି ମୁସଲମାନମାନଙ୍କ ଆଚରଣ ଓ ଉଚ୍ଚାରଣ ଇସଲାମୀୟ ଶିକ୍ଷାନୁଯାୟୀ ହୋଇଯିବ ତେବେଯାଇ ସଫଳତା ମିଳିବ । ମୁଁ ଅନେକ ଥର କହି ସାରିଛି ଯେ, ବିଶ୍ୱ ଏକ ମହାବିପତ୍ତି ଆଡ଼କୁ ଅଗ୍ରସର ହୋଇଚାଲିଛି । ଅଲ୍ଲାଃତାଲା (ସୃଷ୍ଟି ଉପରେ) ଦୟା କରନ୍ତୁ । ଏହିପରି ପାକିସ୍ତାନରେ ଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସମସ୍ତ ପ୍ରକାରର ବିପତ୍ତିରୁ ରକ୍ଷା କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

7th July 2023